# ORDER.

Whereas a large number of complaints are being received that people purchasing liquor from **liquor vends** often start consuming the same it in front of the liquor vends or at other nearby public places. Vendors selling eatables and juices, at time, also station themselves unauthorisedly outside liquor vends which further facilitates this undesirable activity. Drinking in public is a nuisance with a serious potential to result in brawls and quarrels causing serious injuries/death and damage to public properties, in general and private properties, in particular. This affects the peace and tranquillity of the area and creates problems in maintaining law and order. It is also a punishable offence under section 88 of the Orissa Urban Police Act 2003.

And whereas it is necessary to take speedy measures in this regard to prevent danger to human life or safety and to thwart/prevent un-toward incidents which may affect the peace and tranquillity of the area.

Now therefore, the State Govt. in exercise of the power under sec 58(a) of Odisha Urban Act 2003 (Odisha Act 08 of 2007), conferred upon the undersigned vide Notification No.60901/ D&A dt. 28.12.2007 to exercise power of an Executive Magistrate and District Magistrate under Code of Criminal Procedure 1973 and accordingly, by virtue of Section 144 Cr.P.C., 1973 (No.2 of 1974), I , Dr. Rajendra Prasad Sharma, Commissioner of Police, Bhubaneswar-Cuttack, do hereby make this written order for strict compliance by each of the owner/ manager/ Partner/proprietor of all such establishments located within the jurisdiction of both Bhubaneswar and Cuttack Urban Police Districts under this Commissionerate, within a period of 02 months from the date of publication of this order.

1) Install CCTV with sufficient number of cameras and recording system with play back facility, to cover distance of at least 30 meters all around the shop. The CCTV should monitor anyone consuming liquor or facilitating consumption of liquor or any unauthorised vendor stationed in the coverage area.

2) This CCTV system shall preserve a digital record of CCTV coverage for not less than 15 days.

3) The vend owner or his agent shall cause to copy the CCTV coverage on a CD/ pen drive and hand over to the police whenever required/demanded.

4) Before starting sales for the day, the Manager of the liquor vend should ensure that the CCTV system is in proper working order and in case any defect is noticed, immediate action to get it rectified should be taken with intimation to the respective Police Station.

5) During the course of monitoring of the CCTV System, the manager or anyone specifically designated by the Manager for real time monitoring of the CCTV shall immediately inform the Police Control Room at telephone No. 100 and also the nearest Police station in case any illegal drinking in public place or sale of liquor by an unauthorised vendor is noticed in the CCTV coverage area.

6) The vend owners/ manager or any person working on such business establishments shall not handover any part or whole of CCTV footage or copy of

the CCTV coverage to any person/agency without prior approval of the concerned territorial DCsP (DCP Cuttack or DCP Bhubaneswar as the case may be)

7) The Vend owner shall display prominently, in Odia & English, sign boards mentioning that drinking in public places is an offence and sale of liquor by unauthorised vendors outside the liquor shop is strictly prohibited. Telephone numbers of jurisdictional Police Stations shall also be mentioned on the sign boards.

This order shall come into force with effect from **25.03.2015** and shall remain in force for a period of **60 days i.e. upto 23.05.2015 (both days inclusive)** unless withdrawn earlier. Any person contravening this order shall be punishable under Section 188 of Indian Penal Code.

As the notice cannot be served individually on all concerned, the order is hereby passed ***ex-parte***. It is being promulgated for the information of the public at large and shall be published through the press and by affixing copies on the Notice Board of the offices of DCP Bhubaneswar, DCP Cuttack, Tahasil Offices, all police stations concerned, Zone ACsP and respective business associations.

18.3.15

(Dr. Rajendra Prasad Sharma,)
Commissioner of Police,
Bhubaneswar-Cuttack,

# ଆ ଦେ ଶ

ଯେହେତୁ ବହୁମାତ୍ରାରେ ଅଭିଯୋଗ ଆସି ଆମ୍ଭର ଦୃଷ୍ଟିଗତ ହେଉଅଛି ଯେ, କେତେକ ବ୍ୟକ୍ତି ମଦଦୋକାନରୁ ମଦ କିଣି ଉକ୍ତ ଦୋକାନ ସମ୍ମୁଖରେ କିମ୍ବା ତତ୍ ସଂଲଗ୍ନ ସର୍ବସାଧାରଣ ରାସ୍ତା ଉପରେ ମଦ୍ୟପାନ କରୁଛନ୍ତି । ଏହାମଧ୍ୟ ଅଭିଯୋଗ ହେଉଅଛି ଯେ, ଚାଖଣା ବିକାଳୀମାନେ ଉକ୍ତ ମଦ ଦୋକାନ ସମ୍ମୁଖରେ ବେନିୟମ ଭାବରେ ଉକ୍ତ ଚାଖଣା ବିକିବା ଦ୍ୱାରା ଅସାମାଜିକ କାର୍ଯ୍ୟକଳାପର ବୃଦ୍ଧି ଘଟୁଛି । ସର୍ବସାଧାରଣରେ ମଦ୍ୟପାନ ଏକ ଅନୈତିକ କାର୍ଯ୍ୟ ଯାହାକି ହିଂସା , ସାଧାରଣ ଜନତାଙ୍କ କ୍ଷତି ଏବଂ ବ୍ୟକ୍ତିଗତ ସମ୍ପତ୍ତିକୁ ନଷ୍ଟ କରିଥାଏ । ଏହାଫଳରେ ସର୍ବସାଧାରଣଙ୍କ ଶାନ୍ତି ଓ ସଂଯମତା ନଷ୍ଟ ହୁଏ ଏବଂ ସାମାଜିକ ଆଇନ୍ ଶୃଙ୍ଖଳାରେ ବାଧା ସୃଷ୍ଟି ମଧ୍ୟ କରେ , ଯାହାକି ଧାରା ୮୮, ଓଡିଶା ସହରାଂଚଳ ପୋଲିସ୍ ଆଇନ୍ ୨୦୦୩ ଅନୁସାରେ ଅପରାଧ ଅଟେ ।

ଏଣୁ ଜରୁରୀ ପଦକ୍ଷେପ ନେବା ନିତ୍ୟାନ୍ତ ଆବଶ୍ୟକ, ନଚେତ୍ ଶାନ୍ତି ଶୃଙ୍ଖଳାରେ ବାଧା ଉତ୍ପନ୍ନ ହେବ ।

ଏଥିଅନ୍ତେ ଓଡିଶା ସହରାଂଚଳ ପୋଲିସ ଆଇନ - ୨୦୦୩ ଧାରା ୫୮ (କ) ବଳରେ ରାଜ୍ୟ ସରକାର ବିହିତ ବିଜ୍ଞପ୍ତି ନଂ.୬୦୯୦୧/ଡିଏ ତା.୨୮.୧୨.୨୦୦୭ ବଳରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଫୌଜଦାରୀ କାର୍ଯ୍ୟବିଧି ଆଇନ୍ ୧୯୭୩ ଅନୁସାରେ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ଦିଆଯାଇଛି । ଏଣୁ ତଦନୁଯାୟୀ ଧାରା ୧୪୪ ଫୌଜଦାରୀ କାର୍ଯ୍ୟବିଧି ଆଇନ୍ ୧୯୭୩ ଅନୁଯାଇ ମୁଁ ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା , ଆରକ୍ଷୀ ଆୟୋଗୀ , ଭୁବନେଶ୍ୱର-କଟକ ଦ୍ୱୈତ୍ୟ ନଗରୀ ଏହି ଲିଖିତ ନିର୍ଦ୍ଦେଶାବଳୀ ଦେଉଛି କି ଯେ ଉକ୍ତ ଦ୍ୱୈତ୍ୟନଗରୀର ସମସ୍ତ ମଦ ବ୍ୟବସାୟର ମାଲିକ/ ସତ୍ୱାଧିକାରୀ/ ଭାଗିଦାରୀ/ପରିଚାଳକ ମାନେ ଏହି ନିର୍ଦ୍ଦେଶନାମା ଜାରିହେବା ଦିନଠାରୁ ଦୁଇ ମାସ ମଧ୍ୟରେ ନିମ୍ନଲିଖିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ବିଧେୟ ।

୧) ମଦ ବ୍ୟବସାୟର ମାଲିକ/ସତ୍ୱାଧିକାରୀ/ ଭାଗିଦାରୀ/ପରିଚାଳକ ମାନେ ନିଜ ନିଜ ଦୋକାନରେ ପର୍ଯ୍ୟାପ୍ତ ସଂଖ୍ୟାର କ୍ୟାମେରା, ରେକର୍ଡିଂ ସିଷ୍ଟମ ଓ ପ୍ଲେ ବ୍ୟାକ ସୁବିଧା

ଥାଇ ସି.ସି.ଟି.ଭି ଲଗାଇବେ , ଯାହାକି ଅତି କମ୍ ରେ ଦୋକାନର ୩୦ ମିଟର ପରିସୀମା ମଧ୍ୟରେ କୌଣସି ବ୍ୟକ୍ତି ମଦ୍ୟପାନ କରୁଥିବା, ମଦ୍ୟପାନ ପାଇଁ ସୁବିଧା କରାଉଥିବା ଏବଂ ପ୍ରର୍ବତାଉଥିବା କିମ୍ୱା ଅବୈଧ ଭାବେ ମଦ ବିକ୍ରୟ କରୁଥିବା ବ୍ୟକ୍ତି ବିଶେଷ ମାନଙ୍କର ଚିତ୍ରୋତ୍ତଳନ କରିବା ଜରୁରୀ ।

୨) ଉକ୍ତ ସି.ସି.ଟିଭି ଦ୍ୱାରା ଉତୋଳିତ ହୋଇଥିବା ଚିତ୍ର ସମ୍ବନ୍ଧୀୟ ବିବରଣୀ ଅତି କମ୍‌ରେ ୧୫ ଦିନ ପର୍ଯନ୍ତ ସଂରକ୍ଷିତ ରହିବା ଜରୁରୀ ।

୩) ସ୍ଥାନୀୟ ପୋଲିସ୍ ଯେକୌଣସି ସମୟରେ ସି.ସି. ଟି.ଭି. ଫୁଟେଜର ନକଲ ଆବଶ୍ୟକ କରିବେ କିମ୍ୱା ଚାହିଁବେ ତେବେ ଉକ୍ତ ମଦ ବ୍ୟବସାୟର ମାଲିକ/ ସତ୍ୱାଧିକାରୀ/ ଭାଗିଦାରୀ/ପରିଚାଳକ ମାନେ ତାହା ଅବିଳମ୍ୱେ ସି.ଡି. କିମ୍ୱା ପେନ୍ ଡ୍ରାଇଭରେ ପ୍ରଦାନ କରିବେ ।

୪) ପ୍ରତିଦିନ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ମଦ ଦୋକାନର ମାଲିକ/ ସତ୍ୱାଧିକାରୀ/ ଭାଗିଦାରୀ/ପରିଚାଳକମାନେ ନିଜ ସି.ସି.ଟିଭି ଓ କ୍ୟାମେରା ସଠିକ୍ ଭାବେ କାର୍ଯ୍ୟ କରୁଅଛି କି ନାହିଁ ଯାଂଚ କରିନେବା ବିଧେୟ । ଯଦି କୌଣସି ଯାନ୍ତ୍ରିକ ତୃଟି ପରିଲିଖିତ ହୁଏ , ତେବେ ତତ୍‌କ୍ଷଣାତ୍ ନିକଟସ୍ଥ ପୋଲିସ୍‌କୁ ଖବର ଦେଇ ଯଥା ଶୀଘ୍ର ତାହା ମରାମତି କରିବେ ।

୫) ସି.ସି.ଟିଭି ଓ କ୍ୟାମେରା ଅନୁଧ୍ୟାନ ସମୟରେ ଯଦି କୌଣସି ବ୍ୟକ୍ତି ଦୋକାନ ସମ୍ମୁଖରେ , ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବେ କିମ୍ୱା ଚାଖଣା ବିକ୍ରୟ କରୁଥିବାର ଦୃଶ୍ୟମାନ ହେଲେ ଉକ୍ତ ମଦ ଦୋକାନର ମାଲିକ/ ସତ୍ୱାଧିକାରୀ/ ଭାଗିଦାରୀ/ପରିଚାଳକମାନେ ତୁରନ୍ତ ନିକଟସ୍ଥ ପୋଲିସ୍ ଥାନା କିମ୍ୱା ୧୦୦ କୁ ଫୋନ୍ କରି ଜଣାଇବେ ।

୬) ଡି.ସି.ପି. (କଟକ/ଭୁବନେଶ୍ୱର)ଙ୍କ ବିନା ଅନୁମତିରେ କୌଣସି ମଦ ଦୋକାନର ମାଲିକ/ ସତ୍ୱାଧିକାରୀ/ ଭାଗିଦାରୀ/ ପରିଚାଳକମାନେ ନିଜ ସି.ସି. ଟି.ଭି. ଫୁଟେଜର ନକଲ କୌଣସି ବ୍ୟକ୍ତି / ସଂସ୍ଥାକୁ ପ୍ରଦାନ କରିପାରିବେ ନାହିଁ ।

୭) ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଉକ୍ତ ଦୋକାନ ମାଲିକ ସମସ୍ତଙ୍କୁ ଦେଖାଯାଉଥିବା ଭଳି ସ୍ଥାନରେ ସ୍ପଷ୍ଟ ଭାବରେ ଓଡିଆ ଓ ଇଂରାଜୀରେ ଫଳକ ମାଧ୍ୟମରେ ଦର୍ଶାଇବେ ଯେ, ଉକ୍ତ ସ୍ଥାନରେ କିମ୍ବା ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଏବଂ ଚାଖଣା ବିକିବା ବେନିୟମ କାର୍ଯ୍ୟ ଏବଂ ତାହା ଏକ ଆଇନ୍‌ଗତ ଅପରାଧ ଅଟେ । ତାହା ସହିତ ନିକଟସ୍ଥ ଥାନାର ଟେଲିଫୋନ୍ ନମ୍ବର ମଧ୍ୟ ଉଲ୍ଲେଖ କରିବେ ।

ଏହି ନିର୍ଦ୍ଦେଶନାମା **ତା-୨୫.୦୩.୨୦୧୫ ଠାରୁ ତା-୨୩.୦୫.୨୦୧୫** ସମୁଦାୟ ୬୦ ଦିନ ଅନ୍ୟ ଆଦେଶ ପର୍ଯ୍ୟନ୍ତ କାଏମ ରହିବ । ଯଦି କୌଣସି ବ୍ୟକ୍ତିବିଶେଷ ଏହି ଅଦେଶକୁ ଖିଲାପ କରିବେ ସେମାନଙ୍କ ବିରୁଦ୍ଧରେ ଭାରତ ଦଣ୍ଡବିଧି ଧାରା ୧୮୮ ଅନୁଯାୟୀ ଦଣ୍ଡ ବିଧାନ କରାଯିବ ।

ଯେହେତୁ ଉକ୍ତ ଆଦେଶନାମା ବ୍ୟକ୍ତିଗତ ଭାବରେ ଜାରି କରାଯାଇ ପାରିବ ନାହିଁ , ଏଣୁ ଏହା ଏକତରଫା ଭାବେ ବିଜ୍ଞପ୍ତି ପ୍ରକାଶ କରାଗଲା । ଏହି ଆଦେଶନାମା ସ୍ଥାନୀୟ ଖବର କାଗଜ ଏବଂ ଡି.ସି.ପି., ଭୁବନେଶ୍ୱର, ଡି.ସି.ପି., କଟକ, ତହସିଲ ଅଫିସ, ସମସ୍ତ ଥାନା ଓ ବ୍ୟବସାୟୀ ସଂଘର ସୂଚନା ଫଳକ ମାଧ୍ୟମରେ ସର୍ବସାଧାରଣଙ୍କର ତଥା ସମସ୍ତ ମଦ ଦୋକାନ ମାଲିକଙ୍କ ଅବଗତି ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇ ଦିଆଗଲା ।

ଆର. ପି. ଶର୍ମା
18.3.15

ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା,
ଆରକ୍ଷୀ ଆୟୋଗୀ,
ଭୁବନେଶ୍ୱର-କଟକ,
ଭୁବନେଶ୍ୱର